# CBSE
# Sample Question Paper - 2023-24
## CLASS - X
## ODIA (013)

Time - 3 hrs | Max Marks - 80

**General Instructions :**

1. The Question Paper contains 14 questions and 6 printed pages. Attempt all the questions based on the specific instructions given in the questions itself.
2. The Question Paper has four sections: Sec A - Reading -10 Marks, Sec B - Writing - 12 Marks, Sec C - Grammar - 10 Marks, Sec D - Literature - 48 Marks.
3. Please write down the serial number of the question in the answer-book before attempting it.
4. 15 minutes time has been allotted to read this Question Paper. The Question Paper will be distributed at 10.15 am. From 10.15 a.m to 10.30 a.m, the students will read the Question Paper only and will not write any answer on the answer book during this period.

## SECTION- A

**1. ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5x2 =10**

ଯୁବସମାଜକୁ ସୁସଂଗଠିତ କରିପାରିଲେ ଆଶାତୀତ ଗଠନମୂଳକ କାର୍ଯ୍ୟ ସମ୍ପନ୍ନ ହୋଇ ପାରିବ । ଯୁବକମାନଙ୍କ ଭିତରେ ପ୍ରଚୁର ଶକ୍ତି ଓ ସମ୍ଭାବନା ଲୁକ୍କାୟିତ ଭାବରେ ଥାଏ । ସେମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବାର ସର୍ବାଦୌ ଆବଶ୍ୟକତା ରହିଛି । ସ୍ଥଳ ବିଶେଷରେ ସେମାନେ ନିଜର କର୍ତ୍ତବ୍ୟ ନିର୍ଦ୍ଧାରଣ କରି ପାରନ୍ତି ନାହିଁ । ମାନସିକ ଦ୍ୱନ୍ଦ୍ୱ ଓ ଅସନ୍ତୁଳନ ଭିତରେ ରହି ଭଲ ମନ୍ଦ ବିଚାର କରିବାର ଶକ୍ତି ଖୋଜି ପାଇ ନ ଥାନ୍ତି । ସେମାନଙ୍କ ଦ୍ୱାରା ବୃହତ୍ତର କାର୍ଯ୍ୟ ସାଧନ ହେବା ସହ ଦେଶ ଓ ଦଶର ଅଶେଷ କଲ୍ୟାଣ ସାଧନ ହୋଇପାରିବ । ଏହି ଆତ୍ମପ୍ରତ୍ୟୟ ଥରେ ସେମାନଙ୍କ ଭିତରେ ସୃଷ୍ଟି ହୋଇଗଲେ, ସେମାନେ ଉତ୍‌ଫୁଲ୍ଲିତ ହୋଇ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବେ । କୌଣସି ପ୍ରତିବନ୍ଧକ ସେମାନଙ୍କୁ ଅଟକାଇ ପାରିବ ନାହିଁ ଅଥବା ଲକ୍ଷ୍ୟଚ୍ୟୁତ କରିପାରିବ ନାହିଁ । ଯୁବସମାଜ ଭିତରେ ଶିଥିଳତା ରହିବା ଆଦୌ ସ୍ପୃହଣୀୟ ନୁହେଁ । ବୟସ୍କ ଓ ପ୍ରଭାବଶୀଳ ବ୍ୟକ୍ତିମାନେ ଯୁବସମାଜକୁ ସର୍ବଦା ଠିକଣା ପଥରେ ଚାଲିବା ନିମନ୍ତେ ଅନୁପ୍ରେରିତ କରିବା ଉଚିତ । ସାମୟିକ ବିଫଳତାରେ ଭାଙ୍ଗିପଡ଼ିଲେ ସେମାନଙ୍କୁ ନିରୁତ୍ସାହିତ କରା ନ ଯାଇ ନିରନ୍ତର ପ୍ରୋତ୍ସାହିତ କରିବା ବାଞ୍ଛନୀୟ । ଯୁବସମାଜ କାନ୍ଧରେ ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଥିବାରୁ ସେମାନେ ମଧ୍ୟ ଏ କ୍ଷେତ୍ରରେ ସଚେତନ ରହି ସୁକର୍ମ ସଂପାଦନ ଦିଗରେ ମନପ୍ରାଣ ଢ଼ାଳିଦେବେ ବୋଲି ଦେଶବାସୀ ଆଶା ରଖିବା ସ୍ୱାଭାବିକ ।

(i) କେଉଁମାନେ ଯୁବସମାଜକୁ ଅନୁପ୍ରେରିତ କରିବା ଉଚିତ୍ ?

(ii) ଆଶାତୀତ ଗଠନମୂଳକ କାର୍ଯ୍ୟ କିପରି ସଂପନ୍ନ ହୋଇପାରିବ ?

(iii) ଦେଶବାସୀ କ'ଣ ଆଶା କରିବା ସ୍ୱାଭାବିକ ?

(iv) ସ୍ଥଳ ବିଶେଷରେ ଯୁବସମାଜ କେଉଁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ?

(v) ଯୁବସମାଜ କାହିଁକି ଭଲମନ୍ଦ ବିଚାର କରିବାର ଶକ୍ତି ଖୋଜି ପାଇ ନ ଥାନ୍ତି ?

## SECTION- B

**2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ । 6**

(i) ଗଣମାଧ୍ୟମର ଭୂମିକା

(ii) ପରିବେଶ ପ୍ରଦୂଷଣ ଓ ତା'ର ନିରାକରଣ

(iii) ବିଜ୍ଞାନର ଜୟଯାତ୍ରା

**3. 'ନାଗରିକର ମୌଳିକ କର୍ତ୍ତବ୍ୟ' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।**

**କିମ୍ବା** 6

**'ଭବିଷ୍ୟତ ଲାଗି ଜଳ ସଂରକ୍ଷଣ' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।**

(ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ ।)

## SECTION- C

**4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେ କୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ । 4**

(i) ଭାଗବତବାଣୀ

(ii) ରାମକେରୀ

**5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି 2ଟିର) 2x1=2**

(i) ରବି ଦିଲ୍ଲୀ ଯାଇ ବିଜ୍ଞାନ ଭବନ ପରିଦର୍ଶନ କଲା । (ଯୌଗିକ ବାକ୍ୟ କର)

(ii) ମୁଁ ବଙ୍ଗଳା ବୁଝିଲେ ବି କହିପାରେ ନାହିଁ । (ଜଟିଳ ବାକ୍ୟ କର)

(iii) ରୁବି ଭଲ ନାଚୁଛି ଓ ସେଥିପାଇଁ ସୁନାମ ଅର୍ଜନ କରିଛି । (ସରଳ ବାକ୍ୟ କର)

**6. ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେ କୌଣସି 2 ଟିର) 2x1=2**

(i) ଦାଉ ସାଧିବା

(ii) ଚିତା କାଟିବା

(iii) କୁମ୍ଭୀର କାନ୍ଦଣା

**7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି 2ଟିର) 2x1=2**

i. ଅନୁସୟା

ii. ଅଭଡ଼ା

iii. ଉଜ୍ଜ୍ୱଳ

## SECTION- D

**8.** **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1ଟିର)** 5

i. ସମୟ-ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ପରି ମୁଁ ଭାସି ଚାଲିଛି ।

ii ଦରିଦ୍ର ନାରାୟଣଙ୍କ ସେବା ହିଁ ସନ୍ନ୍ୟାସୀର ଯଥାର୍ଥ ବ୍ରତ ।

**9.** **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର)** **3x2=6**

(i) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କ'ଣ ହୋଇଥିଲା ?

(ii) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

(iii) କେଉଁମାନଙ୍କୁ 'ରିଙ୍ଗଲିଡ଼ର୍' କୁହାଯାଉଥିଲା ?

(iv) ଦେଶଭକ୍ତ ବୋଲି କାହାକୁ କୁହାଯାଇ ପାରିବ ନାହିଁ ?

(v) ବିବେକାନନ୍ଦଙ୍କ ଅସଲ ଶକ୍ତି କ'ଣ ?

**10.** **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ ।** **10x1=10**

i. କବିତା ଲେଖା ପାଇଁ ଲକ୍ଷ୍ମୀକାନ୍ତ କାହାର ଶ୍ରଦ୍ଧାଭାଜନ ହୋଇଥିଲେ ?

(A) ମଧୁସୂଦନ ଦାସ (B) ମଧୁସୂଦନ ରାଓ

(C) ଗୋପବନ୍ଧୁ ଦାସ (D) ହରେକୃଷ୍ଣ ମହତାବ

ii. 'ଜନ୍ମଭୂମି' ପ୍ରବନ୍ଧ କେଉଁ ପୁସ୍ତକରୁ ସଂଗୃହୀତ ?

(A) ଇତିହାସ ଓ କିମ୍ବଦନ୍ତୀ (B) ମୋ ସମୟର ଓଡ଼ିଶା

(C) ଓଡ଼ିଶା ଇତିହାସ (D) ପ୍ରବନ୍ଧ ମାନସ

iii. ଜଡ଼ ବିଜ୍ଞାନ ମୂଳରେ କେଉଁ ଶାସ୍ତ୍ର ନିହିତ ?

(A) ଗଣିତ (B) ଦର୍ଶନ

(C) ବିଜ୍ଞାନ (D) ଆଧ୍ୟାତ୍ମିକତା

iv. କେଉଁଠି ବିବିସି ସମ୍ବାଦ ପ୍ରଚାରକୁ କେନ୍ଦ୍ରକରି ଆନ୍ଦୋଳନ ଚାଲିଥିଲା ?

(A) ଇଂଲାଣ୍ଡ (B) ସ୍କଟଲାଣ୍ଡ

(C) ନେଦରଲାଣ୍ଡ (D) ଫିନ୍‌ଲାଣ୍ଡ

v. 'ନବଯୁଗ ସାହିତ୍ୟ ସଂସଦ' କିଏ ପ୍ରତିଷ୍ଠା କରିଥିଲେ ?

(A) ଅନନ୍ତ ପଟ୍ଟନାୟକ (B) ସୁନନ୍ଦ କର

(C) ବୈଷ୍ଣବ ପାଣି (D) ଭଗବତୀ ଚରଣ ପାଣିଗ୍ରାହୀ

vi. ଜନତା ଜନାର୍ଦ୍ଦନ କି ପ୍ରକାର ଛଳନାର ଶିକାର ହୋଇଥିଲେ ?

(A) ଅର୍ଥନୈତିକ (B) ରାଜନୈତିକ

(C) ସାମାଜିକ (D) ବୈଷୟିକ

vii. କେଉଁଟି କବିବର ରାଧାନାଥଙ୍କ କୃତି ନୁହେଁ ?

(A) ବିବେକୀ (B) ଇତାଲୀୟ ଯୁବା

(C) କେଦାରଗୌରୀ (D) ଅବସରବାସରେ

viii. କେଉଁଠାରେ ଆଜି ମଧ୍ୟ ମୟୂରର ଉଦ୍ଧତ ନୃତ୍ୟ ଦେଖାଯାଏ ?

(A) ମଥୁରା (B) ବୃନ୍ଦାବନ

(C) ଦ୍ୱାରକା (D) ଗୋପପୁର

ix. ଜୀବନ୍ତ ଶରୀରର ମୂଳ ଉପାଦାନଟି କ'ଣ ?

(A) ଜୀବନ (B) ବିଜ୍ଞାନ

(C) ଜଡ଼ (D) ଆଧ୍ୟାତ୍ମିକତା

x. ଆଞ୍ଚଳିକ ଭାଷା ପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେଲେ କାହାର ଆଧିପତ୍ୟକୁ କମାଇବାକୁ ହେବ ?

(A) ଇଂରେଜି ଭାଷା (B) ମାତୃଭାଷା

(C) ଶାସକ (D) ଜନତା

**11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1 ଟିର) 5**

(i) ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,

ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ରା ।

(ii) ଭାଜି ପଡୁ ଆଜି ଅର୍ଗଳ ରାଜି

ଘେନ ବିଜୟର ମାଳା ।

**12. ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 3 ଟିର) 3x2=6**

(i) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

(ii) ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

(iii) ପୋତପାଳ ମଶାଲ ଜାଳିଛି କାହିଁକି ?

(iv) ସୀତାଙ୍କ ହୃଦୟ ଶୋକ-ଜର୍ଜରିତ ହେବାର କାରଣ କ'ଣ ?

(v) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?

**13. ଉତ୍ତର ପର୍ଯ୍ୟାୟରୁ ଠିକ ଉତ୍ତରଟି ବାଛି ଲେଖ । 10x1 =10**

i. ବନ୍ଦେ ଉତ୍କଳ ଜନନୀ କେଉଁ ମସିହାରେ ରାଜ୍ୟ ସଙ୍ଗୀତର ମାନ୍ୟତା ଲାଭ କରିଛି ?

(A) ୨୦୧୪ (B) ୨୦୧୧

(C) ୨୦୨୦ (D) ୧୯୪୭

ii. ଭୀମ କାହାକୁ ମାରି କୌଳାସ ଉଦ୍ଧାର କରିଥିଲେ ?

(A) ନିକଷା (B) ମାରୀଚ

(C) ନିକୁମ୍ଭ (D) ଅଶ୍ଲେଷା

iii. ବିଂଶତିକର କିଏ ?

(A) ରାମ (B) ଅଙ୍ଗଦ

(C) ରାବଣ (D) ବିଭୀଷଣ

iv. ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ?

(A) ଗମ୍ଭୀର (B) ନିଶ୍ଚଳ

(C) କୋଳାହଳପୂର୍ଣ୍ଣ (D) ଚଳଚଞ୍ଚଳ

v. ମାଟିମାଆର ପ୍ରାଣକୁ କାହା ସହିତ ତୁଳନା କରାଯାଇଛି ?

(A) ପାହାଡ଼ ପଥର (B) କଅଁଳ ପତର

(C) ଚେତନ ଗରଭା (D) ସବୁଜ ଘାସ

vi. ଉଷା ଉପହାର ସ୍ୱରୂପ କ'ଣ ଆଣିଥିଲେ ?

(A) ନୀହାର (B) ମୁକ୍ତା

(C) ନୀହାର ରୂପକ ମୁକ୍ତା (D) ମୁକ୍ତା ରୂପକ ନୀହାର

vii. ଦୁର୍ଯ୍ୟୋଧନଙ୍କ ଗଦାଦ୍ୱୟର ଓଜନ କେତେ ଭାର ଲେଖାଏଁ ଥିଲା ?

(A) ୬୦ (B) ୭୦

(C) ୮୦ (D) ୯୦

viii. ପ୍ରାଚୀ କହିଲେ କେଉଁ ଦିଗ ବୁଝାଏ ?

(A) ପଶ୍ଚିମ (B) ଉତ୍ତର

(C) ପୂର୍ବ (D) ଦକ୍ଷିଣ

ix. 'ଜାଗବନ୍ଧନହରା' କବିତାରେ କବି କ'ଣ ଭିନ୍ନ କରିବା ପାଇଁ କହିଛନ୍ତି ?

(A) ମୋହମମତା (B) ଜୀର୍ଣ୍ଣଜୀବନ

(C) ଦୁଃଖଜ୍ୱଳା (D) ତନ୍ଦ୍ରାପରଶ

x. କିଏ ଡାକିଲେ ବି ମାଆର କାଖ ଛାଡ଼ିବାକୁ ମନ ବଳେ ନାହିଁ ବୋଲି 'ସର୍ବଂସହାମାଟି' କବିତାରେ କୁହାଯାଇଛି ?

(A) ସାଙ୍ଗ (B) ସରଗ

(C) ମାଟି (D) ସପନ

**14.** **ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି 6 ଟିର)** **6x1=6**

(i) କେଉଁ କାଠ ଗୋଦାମରୁ କାଠ ଅଣାଯାଇଥିଲା ?

(ii) ରାଜନୀତିର ବ୍ରହ୍ମାସ୍ତ୍ର କ'ଣ ?

(iii) ବଉଳ ଗଛ ଛାଇରେ କିଏ ଭାଗବତ ପଢୁଥିଲେ ?

(iv) ହରି ଗୁଡ଼ିଆ କାହା ଉପରେ ଗଡ଼ପଡ଼ ହେଉଥିଲା ?

(v) 'ଭାରି କ୍ଷଣରାଗି ! ଠିକ୍ ତା ବୋଉ ପରି'- ଏ କଥା କିଏ କହିଛନ୍ତି ?

(vi) ପୂରବୀ କାହାକୁ ଦେବତା ସଦୃଶ ଦେଖୁଥିଲେ ?

(vii) ଶାମ୍ବ କେଉଁ ଦେବତାଙ୍କୁ ପୂଜା କରି ରୋଗମୁକ୍ତ ହେଲେ ?

(viii) ଧରମା କ'ଣ ନେଇ ବାପାଙ୍କ ନିକଟକୁ ଗଲା ?

◈◈◈